## ୨୦୦୫ ସୂଚନା ଅଧିକାର ଅଧିନିୟମର ଧାରା (୪) ଅନୁସାରେ କମିଶନଙ୍କ ସ୍ୱତଃ ପ୍ରକାଶନ
## ଧାରା ୪ (୧) (ଖ) (i) ଓଡିଶା ସୂଚନା କମିଶନ

**କାର୍ଯ୍ୟାଳୟର ନାମ: ଓଡିଶା ସୂଚନା କମିଶନ**

**ଠିକଣା:** ବ୍ଲକ୍- ବି 1, ତୋଷାଳି ଭବନ, ସତ୍ୟନଗର, ଭୁବନେଶ୍ୱର-751007

**କାର୍ଯ୍ୟ:** ୨୦୦୫ ଅକ୍ଟୋବର ୧୧ ତାରିଖ ଓଡିଶା ଗେଜେଟରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ୨୦୦୫ ସୂଚନା ଅଧିକାର ଅଧିନିୟମ ଧାରା ୧୫(୧) (୨୦୦୫ର ଅଧିନିୟମ ୨୨) ଅନୁଯାୟୀ ଓଡିଶା ସୂଚନା କମିଶନ ଗଠିତ ହେଲା । କମିଶନର କାର୍ଯ୍ୟ ହେଲା, ଏହା ଉପରେ ନ୍ୟସ୍ତ କରାଯାଇଥିବା କ୍ଷମତାର ବିନିଯୋଗ କରିବା ଏବଂ ଅଧିନିୟମରେ ପ୍ରଦତ୍ତ କାର୍ଯ୍ୟାବଳୀକୁ କାର୍ଯ୍ୟକାରୀ କରିବା ।

ଓଡ଼ିଶା ସୂଚନା କମିଶନ, କେଉଁ ଅଧିକାରୀଙ୍କୁ ନେଇ ଗଠିତ:-

(କ) ରାଜ୍ୟ ମୁଖ୍ୟ ସୂଚନା କମିଶନର:
- (୧) ଶ୍ରୀଯୁକ୍ତ ସୁନିଲ୍ କୁମାର ମିଶ୍ର, ରାଜ୍ୟ ମୁଖ୍ୟ ସୂଚନା କମିଶନର (ତା ୦୩.୧୧.୨୦୧୬ ରିଖ ଠାରୁ)

(ଖ) ରାଜ୍ୟ ସୂଚନା କମିଶନର:
- (୧) ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ପଟ୍ଟନାଏକ, ରାଜ୍ୟ ସୂଚନା କମିଶନର (ତା ୧୬.୦୬.୨୦୧୫ ରିଖ ଠାରୁ)
- (୨) ଶଶିପ୍ରଭା ବିନ୍ଧାଣୀ, ରାଜ୍ୟ ସୂଚନା କମିଶନର (ତା ୧୬.୦୬.୨୦୧୫ ରିଖ ଠାରୁ)

୨୦୦୫ ସୂଚନା ଅଧିକାର ଅଧିନିୟମ ଧାରା ୧୫ (୪) ଅନୁଯାୟୀ ଓଡିଶା ସୂଚନା କମିଶନଙ୍କ କାର୍ଯାବଳୀର ସାଧାରଣ ତତ୍ତ୍ୱାବଧାନ, ନିର୍ଦ୍ଦେଶନର ଏବଂ ପରିଚାଳନା ଦାୟିତ୍ୱ ରାଜ୍ୟ ସୂଚନା କମିଶନରଙ୍କ ଉପରେ ନ୍ୟସ୍ତ ହୋଇଛି । ଏଥିରେ ରାଜ୍ୟ ସୂଚନା କମିଶନରମାନେ ସହାୟତା ପ୍ରଦାନ କରିବେ ଏବଂ ସେ ସ୍ୱୟଂଶାସିତ ଭାବରେ ଏହି ଅଧିନିୟମ ଅନୁଯାୟୀ ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ଅଧୀନ ନହୋଇ କମିଶନଙ୍କ ଦ୍ୱାରା ପ୍ରୟୋଗ କରାଯାଇପାରିବା ଭଳି ସମସ୍ତ କ୍ଷମତା ପ୍ରୟୋଗ କରିବେ ଏବଂ ସମସ୍ତ କାର୍ଯ୍ୟ ଓ ବିଷୟମାନ ସମ୍ପାଦନ କରିବେ ।

ଏହି ଅଧିନିୟମ ଅନୁଯାୟୀ ରାଜ୍ୟ ମୁଖ୍ୟ ସୂଚନା କମିଶନର ଏବଂ ରାଜ୍ୟ ସୂଚନା କମିଶନର ସେମାନଙ୍କ କାର୍ଯ୍ୟ ଦକ୍ଷତାର ସହ ସଂପାଦନ ପାଇଁ ରାଜ୍ୟ ସରକାର ଆବଶ୍ୟକ ସଂଖ୍ୟକ ଅଧିକାରୀ ଓ କର୍ମଚାରୀ ନିଯୁକ୍ତିର ବ୍ୟବସ୍ଥା କରିବେ ଏବଂ ନିଯୁକ୍ତି ଅଧିକାରୀ ଓ କର୍ମଚାରୀମାନଙ୍କର ବେତନ, ଭତ୍ତା ଓ ସେବା ନିବନ୍ଧନ ଏବଂ ସର୍ତ୍ତାବଳୀ ବିହିତ ବିଧାନମତେ ହେବ ।

ଏପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ସୃଷ୍ଟି ପଦବୀର ସ୍ପଷ୍ଟ ତଥ୍ୟ ନିମ୍ନମତେ, ପ୍ରଦତ୍ତ ହେଲା:-

| କ୍ର.ନଂ. | ପଦବୀ | ପଦବୀର ଦରମା ହାର | ମଂଜୁର ହୋଇଥିବା ପଦବୀ ସଂଖ୍ୟା | ପୂରଣ କରାଯାଇଥିବା ପଦବୀ ସଂଖ୍ୟା |
|---|---|---|---|---|
| ୧ | ରାଜ୍ୟ ମୁଖ୍ୟ ସୂଚନା କମିଶନର | ଟ. ୨,୫୦,୦୦୦/- (ସ୍ଥିର) | ୧ | ୧ |
| ୨ | ରାଜ୍ୟ ସୂଚନା କମିଶନର | ଟ. ୨,୨୫,୦୦୦/- (ସ୍ଥିର) | ୩ | ୨ |
| ୩ | ସଚିବ (ସେକ୍ରେଟାରୀ) | ଟ. ୧,୨୭,୧୦୦/- | ୧ | ୧ |
| ୪ | ସହକାରୀ ଅର୍ଥ ଉପଦେଷ୍ଟା -ତଥା- ଅନୁସଚିବ | ଟ. ୫୬,୧୦୦/- | ୧ | ୧ |
| ୫ | ଅନୁସଚିବ | ଟ. ୫୬,୧୦୦/- | ୧ | ୧ |
| ୬ | ସହକାରୀ ନିବନ୍ଧକ | (୨୭,୭୦୦-୪୪,୭୭୦) | ୪ | ଖାଲି ଅଛି |

| | | | | |
|---|---|---|---|---|
| ୭ | ପ୍ରମୁଖ ବ୍ୟକ୍ତିଗତ ସଚିବ | ଟ. ୫୬,୧୦୦/- | ୧ | ୧ |
| ୮ | ବରିଷ୍ଠ ବ୍ୟକ୍ତିଗତ ସଚିବ | ଟ. ୪୭,୬୦୦/- | ୧ | ୧ |
| ୯ | ବ୍ୟକ୍ତିଗତ ସଚିବ | ଟ. ୪୪,୯୦୦/- | ୩ | ଖାଲି ଅଛି |
| ୧୦ | ଡେସ୍କ ଅଧିକାରୀ | ଟ. ୪୭,୬୦୦/- | ୧ | ୧ |
| ୧୧ | ବ୍ୟକ୍ତିଗତ ସହାୟକ | ଟ. ୩୫,୪୦୦/- | ୫ | ଖାଲି ଅଛି |
| ୧୨ | ବିଧି ଅଧିକାରୀ | ଟ. ୪୪,୯୦୦/- | ୧ | ଖାଲି ଅଛି |
| ୧୩ | ସହକାରୀ ବିଧି ଅଧିକାରୀ | ଟ. ୩୫,୪୦୦/- | ୧ | ଖାଲି ଅଛି |
| ୧୪ | ଉପବିଭାଗ ଅଧିକାରୀ | ଟ. ୪୪,୯୦୦/- | ୨ | ୨ |
| ୧୫ | ସହକାରୀ ଉପବିଭାଗ ଅଧିକାରୀ | ଟ. ୩୫,୪୦୦/- | ୬ | ୧ |
| ୧୬ | ସିଷ୍ଟମ ସହାୟକ | ଟ. ୩୫,୪୦୦/- | ୧ | ଖାଲି ଅଛି |
| ୧୭ | ଓଡିଆ ଅନୁବାଦକ | ଟ. ୩୫,୪୦୦/- | ୨ | ଖାଲି ଅଛି |
| ୧୮ | ଡ୍ରାଇଭର | ଟ. ୧୯,୯୦୦/- | ୩ | ଖାଲି ଅଛି |

**ରାଜ୍ୟ ସରକାରଙ୍କ ଦ୍ୱାରା ପଦବୀଗୁଡ଼ିକର ସୃଷ୍ଟି ଓ ଚୁକ୍ତିଭିତ୍ତିରେ ନିଯୁକ୍ତି**

| କ୍ର.ନଂ. | ପଦବୀ | ପଦର ଦରମା ହାର | ମଂଜୁର ପଦବୀସଂଖ୍ୟା | ପୂରଣ ହୋଇଥିବା ପଦବୀସଂଖ୍ୟା |
|---|---|---|---|---|
| ୧ | ନିବନ୍ଧକ (ରେଜିଷ୍ଟ୍ରାର) | ଟ. ୩୫,୯୧୫/- | ୧ | ୧ |
| ୨ | ରେଜିଷ୍ଟ୍ରାରଙ୍କ ବ୍ୟକ୍ତିଗତ ସହାୟକ | - | ୧ | ଖାଲି ଅଛି |
| ୩ | କୋର୍ଟମାଷ୍ଟର | ଟ. ୧୬,୮୮୦/- | ୧ | ୧ |
| ୪ | ବେଂଚ କ୍ଲର୍କ | ଟ. ୧୬,୮୮୦/- | ୩ | ୨ |
| ୫ | ବିଧି ସମୀକ୍ଷକ -ତଥା- ସିରସ୍ତାଦାର | ଟ. ୧୬,୮୮୦/- | ୧ | ୧ |
| ୬ | ଡାଟା ପ୍ରୋସେସିଂ ସହାୟକ | ଟ. ୮,୮୮୦/- | ୫ | ୫ |
| ୭ | ବିଧି ସହାୟତାକାରୀ | ଟ. ୮,୮୮୦/- | ୧ | ୧ |
| ୮ | ଡ୍ରାଇଭର | ଟ. ୮,୮୮୦/- | ୧ | ୧ |
| ୯ | ଚପରାଶି | ଟ. ୮,୦୭୦/- | ୧୧ | ୧୧ |
| ୧୦ | ଝାଡୁଦାର –ତଥା-ରାତ୍ରି ଜଗୁଆଳୀ | ଟ. ୮,୦୭୦/- | ୧ | ୧ |

**୨୦୦୫ର ସୂଚନା ଅଧିକାର ଅଧିନିୟମ ଧାରା ୧୫(୪) ଅନୁଯାୟୀ ଚୁକ୍ତିଭିତ୍ତିରେ କରାଯାଇଥିବା ନିଯୁକ୍ତି**

| କ୍ର.ନଂ. | ପଦବୀ ଗୁଡ଼ିକ | ଠିକା ଭିତ୍ତିକ ପାରିଶ୍ରମିକ | ପୂରଣ ହୋଇଥିବା ପଦବୀସଂଖ୍ୟା |
|---|---|---|---|
| ୧ | ବିଧି ଅଧିକାରୀ | ଟ. ୧୭,୨୮୦/- | ୧ |
| ୨ | ସହାୟକ ବିଧି ଅଧିକାରୀ | ଟ. ୧୬,୮୦୦/- | ୨ |
| ୩ | ସିଷ୍ଟମ ସହାୟକ | ଟ. ୧୬,୮୦୦/- | ୧ |
| ୪ | ଡାଟା ପ୍ରୋସେସିଙ୍ଗ ସହାୟକ | ଟ. ୮,୮୮୦/- | ୧ |
| ୫ | ଡ୍ରାଇଭର | ଟ. ୮,୮୮୦/- | ୩ |
| ୬ | ଚପରାଶି | ଟ. ୮,୦୭୦/- | ୧ |

# ଓଡିଶା ସୂଚନା କମିଶନଙ୍କ କର୍ଯ୍ୟାଳୟର ତଥ୍ୟ ଫର୍ଦ୍ଧ



## ଧାରା ୪ (୧) (ଖ) (ii) ଅଧିକାରୀ ଓ କର୍ମଚାରୀମାନଙ୍କର କ୍ଷମତା ଓ କର୍ତ୍ତବ୍ୟ

| କ୍ର.ନଂ. | ପଦବୀ | କ୍ଷମତା ଓ କର୍ତ୍ତବ୍ୟ |
|---|---|---|
| ୧ | ରାଜ୍ୟ ମୁଖ୍ୟ ସୂଚନା କମିଶନର | କମିଶନ ସମ୍ପର୍କୀୟ ସାଧାରଣ ତତ୍ତ୍ୱାବଧାନ, ନିର୍ଦ୍ଦେଶ ଓ ପରିଚାଳନା ସହ ଆଇନର ପରିସରରେ ଅଭିଯୋଗ ମକଦ୍ଦମା/ ଅପିଲଗୁଡ଼ିକର ଶୁଣାଣି |
| ୨ | ରାଜ୍ୟ ସୂଚନା କମିଶନର | ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ସହ ପ୍ରତ୍ୟେକ ରାଜ୍ୟ ସୂଚନା କମିଶନରଙ୍କୁ ଅଭିଯୋଗ ଓ ଅପିଲ ସମ୍ପର୍କରେ କାର୍ଯ୍ୟ କରିବା ପାଇଁ ସ୍ୱତନ୍ତ୍ର ବିଭାଗ ପ୍ରଦତ୍ତ ହୋଇଛି । ସେମାନେ ମଧ୍ୟ କମିଶନଙ୍କ ସାଧାରଣ ପରିଚାଳନାରେ ମୁଖ୍ୟ ସୂଚନା କମିଶନରଙ୍କୁ ସହାୟତା କରିବେ । |
| ୩ | ସଚିବ | ସମସ୍ତ ପ୍ରଶାସନିକ କାର୍ଯ୍ୟର ତଦାରଖ, କମିଶନଙ୍କ ତରଫରୁ ରାଜ୍ୟ ସରକାର ଓ ଭାରତ ସରକାରଙ୍କ ସହ ସଂଯୋଗ ସ୍ଥାପନ, ଅନ୍ୟ କୌଣସି କାର୍ଯ୍ୟ ଯାହା ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ଦ୍ୱାରା ନିର୍ଦ୍ଦେଶିତ ହୁଏ । |
| ୪ | ରେଜିଷ୍ଟ୍ରାର୍ | କମିଶନ ଦସ୍ତାବିଜ ସମ୍ପର୍କିତ ସମସ୍ତ ପ୍ରମାଣପତ୍ରର ସର୍ବୋପରିଚାଳନା ତଦାରଖ ଓ ପରିଦର୍ଶନ କାର୍ଯ୍ୟ, ଯାହା ଅଭିଯୋଗକାରୀ ଓ ଅପିଲକାରୀଙ୍କୁ ପ୍ରଦତ୍ତ ସିଦ୍ଧାନ୍ତର ପାଳନ ସହିତ ସମ୍ପୃକ୍ତ । |
| ୫ | ସହକାରୀ ଅର୍ଥ ପରାମର୍ଶଦାତା-ତଥା-ଅନୁସଚିବ | ହିସାବ ନଥି ଓ ଅଡିଟ୍ ରିପୋର୍ଟର ରକ୍ଷଣାବେକ୍ଷଣ ଓ ତଦାରଖ, କମିଶନରଙ୍କ ବିଭିନ୍ନ ବିଷୟରେ ହଇରାଣ ହରକତ ଅଭିଯୋଗର ତଦାରଖ ଆୟକର ଓ ବୃତ୍ତିକର ସମ୍ପର୍କିତ ସମସ୍ତ ବିଷୟ, ୱେବସାଇଟରେ ତଦାରଖ ଓ ସମସ୍ତ ଉପଯୋଗୀ ପରିବର୍ତ୍ତନ ଏବଂ ଅନ୍ୟ ଯେ କୌଣସି କାର୍ଯ୍ୟ କମିଶନରଙ୍କ ଦ୍ୱାରା ପ୍ରଦତ୍ତ । |
| ୬ | ସହକାରୀ ରେଜିଷ୍ଟ୍ରାର | ରେଜିଷ୍ଟ୍ରାରଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବା |
| ୭ | ରାଜ୍ୟ ମୁଖ୍ୟ ସୂଚନା କମିଶନଙ୍କ ପ୍ରମୁଖ ବ୍ୟକ୍ତିଗତ ସଚିବ/ ବ୍ୟକ୍ତିଗତ ସଚିବ | ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ଦପ୍ତର କାର୍ଯ୍ୟରେ ସହାୟତା, ତାଙ୍କ ଦ୍ୱାରା ପ୍ରଦତ୍ତ ଦୈନନ୍ଦିନ କାର୍ଯ୍ୟ । |
| ୮ | ରାଜ୍ୟ ସୂଚନା କମିଶନରଙ୍କ ବ୍ୟକ୍ତିଗତ ସଚିବ/ ବ୍ୟକ୍ତିଗତ ସଚିବ | ରାଜ୍ୟ ସୂଚନା କମିଶନରଙ୍କୁ ଦପ୍ତର କାର୍ଯ୍ୟରେ ସହାୟତା କରିବା ଏବଂ କମିଶନରଙ୍କ ଦ୍ୱାରାପ୍ରଦତ୍ତ ଦୈନନ୍ଦିନ କାର୍ଯ୍ୟ । |
| ୯ | ସଚିବଙ୍କ ବ୍ୟକ୍ତିଗତ ସଚିବ | ସଚିବଙ୍କୁ ଦପ୍ତର କାର୍ଯ୍ୟରେ ସହାୟତା କରିବା, କମିଶନର ୟୁ.ଓ.ଆଇ. ରେଜିଷ୍ଟର୍, ବୈଠକ ବିବରଣୀ ରେଜିଷ୍ଟରର ରକ୍ଷଣାବେକ୍ଷଣ । |
| ୧୦ | ସହକାରୀ ବିଧି ଅଧିକାରୀ | ଓଡ଼ିଶା ସୂଚନା କମିଶନର ଅଭିଯୋଗ ମକଦ୍ଦମା ଓ ଦ୍ୱିତୀୟ ଅପିଲର ଫଏସଲାରେ ସହାୟତା ପ୍ରଦାନ କରିବା, କମିଶନର ଏବଂ ଅନ୍ୟ କୋର୍ଟ୍ କେସର ଆଦେଶଗୁଡ଼ିକର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବା । |
| ୧୧ | କୋର୍ଟ ମାଷ୍ଟର | କୋର୍ଟ ପରିଚାଳନା/ କେସ୍ ନଥି/ କାରଣଗୁଡ଼ିକର ତାଲିକା ପ୍ରସ୍ତୁତି ଏବଂ ପରବର୍ତ୍ତୀ କାର୍ଯ୍ୟକ୍ରମର ଦସ୍ତାବିଜ୍ ଲିଖନ/ ସଂଗ୍ରହ । |
| ୧୨ | ଲିଗାଲ ସ୍କୃଟିନାଇଜର ତଥା ସିରସ୍ତାଦାର | ଅଭିଯୋଗ/ଦ୍ୱିତୀୟ ଅପିଲଗୁଡ଼ିକର, ତନଖି କରଣ ଓ ପଞ୍ଜୀକରଣ ଏବଂ ସେଗୁଡ଼ିକ ସମ୍ପୃକ୍ତ କୋର୍ଟର କର୍ମଚାରୀମାନଙ୍କ ପାଖକୁ ପ୍ରେରଣ, କମିଶନରଙ୍କ ସିଦ୍ଧାନ୍ତ/ ଆଦେଶ ପକ୍ଷମାନଙ୍କ ପାଖକୁ ପ୍ରେରଣ ଅଣସାକ୍ଷରମାନଙ୍କୁ ସାହାଯ୍ୟ କରିବା, ଏହି ଆଇନରେ ଥିବା ଅଧିକାରର କାର୍ଯ୍ୟ କାରିତା ପାଇଁ ତାଙ୍କୁ ମାର୍ଗଦର୍ଶନ କରିବା, ରେଜିଷ୍ଟ୍ରାରଙ୍କ ଦ୍ୱାର ଆଇନ ଉପବିଭାଗର କାମ ନିର୍ଦ୍ଦିଷ୍ଟ ଭାବରେ ଯାହା ତାଙ୍କ |

| | | |
|---|---|---|
| | | ଉପରେ ନ୍ୟସ୍ତ କରାଯାଇଥିବା ତାହା ପାଳନ କରିବା |
| ୧୩ | ଡେସ୍କ୍ ଅଧିକାରୀ | କମିଶନଙ୍କ ବ୍ୟାପରରେ ସାଧାରଣ ତତ୍ତ୍ୱାବଧାନ ଓ ପରିଚାଳନାରେ ସଚିବଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା । |
| ୧୪ | ଉପବିଭାଗ ଅଧିକାରୀ | କମିଶନର ଗୃହ ରକ୍ଷଣାବେକ୍ଷଣ ଓ ନିରାପତ୍ତା, ବଜେଟ୍ ପ୍ରସ୍ତୁତି, ନଥି ପତ୍ରର ରକ୍ଷଣାବେକ୍ଷଣ/ ପରିଚାଳନାର ଦାୟିତ୍ୱରେ ରହିବା ସେ ସହକାରୀ ଅର୍ଥ ପରାମର୍ଶଦାତା-ତଥା-ଅନୁ ସଚିବଙ୍କ ଜରିଆରେ ସଚିବଙ୍କ ନିକଟରେ ଦାୟୀ ରହିବେ । |
| ୧୫ | ସହକାରୀ ଉପବିଭାଗ ଅଧିକାରୀ | ସଚିବଙ୍କ ଦ୍ୱାରା ବଂଟନ ହୋଇଥିବା କାର୍ଯ୍ୟ ଯାହା ତାଙ୍କ ପାଇଁ ଉଦ୍ଦିଷ୍ଟ । |

## ଧାରା ୪ (୧) (ଖ) (iii) ସୂଚନା ଅଧିକାର ଅଧିନିୟମ, ୨୦୦୫ ଅଧୀନରେ ଅପିଲ ଓ ଅଭିଯୋଗ ମାମଲାରେ ଅନୁସୃତ ପ୍ରକ୍ରିୟା

ରାଜ୍ୟ  କମିଶନ, ସୂଚନା ଅଧିକାର ଅଧିନିୟମ ଧାରା-୧୮ ଅନୁଯାୟୀ ଅଭିଯୋଗ ଗୁଡିକ ଗ୍ରହଣ କରିଥାନ୍ତି । ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ନିକଟରେ ଅଭିଯୋଗ ପେଶ୍  କରାଯାଏ ଯେ କି, ତାଙ୍କ କ୍ଷମତା ବଳରେ ଅନୁସନ୍ଧାନ ପାଇଁ ନିର୍ଦ୍ଦେଶ ଦେଇ ପାରନ୍ତି । ସାଧାରଣତଃ ରାଜ୍ୟ ମୁଖ୍ୟ ସୂଚନା କମିଶନର ଅଭିଯୋଗ ସମ୍ପର୍କରେ (ଯେଉଁ ଅଭିଯୋଗ ଗୃହୀତ ହୋଇଥାଏ) ସରକାରୀ କର୍ତ୍ତୃପକ୍ଷଙ୍କ ଠାରୁ ମତାମତ ଗ୍ରହଣ କରନ୍ତି ଏବଂ ଆଇନର ବ୍ୟବସ୍ଥା ଅନୁସାରେଏକ ଉପଯୁକ୍ତ ସିଦ୍ଧାନ୍ତରେ ପହଂଚାଇଥାନ୍ତି । ଅଭିଯୋଗକାରୀ , ଓଡିଶା ସୂଚନା କମିଶନ (ଅପିଲ ପ୍ରକ୍ରିୟା) ନିୟମାବଳୀ, ୨୦୦୬ରେ ଧାରା ୯(୨) ଅନୁସାରେ ଶୁଣାଣି ତାରିଖରେ ଉପସ୍ଥିତ ରହିବ କି ନାହିଁ ସ୍ଥିର କରାଯାଇପାରେ ।

କମିଶନ, ସୂଚନା ଅଧକାର ଅଧିନିୟମର ଧାରା ୧୯(୩) ଅନୁସାରେ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ବିରୋଧରେ ଅପିଲ ଗ୍ରହଣ କରନ୍ତି । ଏହା ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ନିକଟରେ ଆଗତ କରାଯାଏ, ଯିଏକି ରାଜ୍ୟ ସୂଚନା କମିଶନର, ଯଦି କେହି ଥାଆନ୍ତି, ତାଙ୍କ ସହିତ ଓଡିଶା ସୂଚନା କମିଶନ (ଅପିଲ ପ୍ରକ୍ରିୟା) ନିୟମାବଳୀ, ୨୦୦୬ ର ଧାରା ଅନୁସାରେ ଏକ ଡିଭିଜନ ବେଂଚରେ ବା ଏକ ସିଙ୍ଗଲ୍ ବେଂଚରେ ଅପିଲର ଫଏସଲା କରନ୍ତି । ଯେହେତୁ ଆଇନର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସବୁ ସୂଚନା ବିଷୟରେ ସୂଚିତ କରିବା (କେବଳ ଆଇନ୍ ପରିସରରୁ ଧାରା ୮ (୧) ରେ ଯେଉଁ ଗୁଡିକ ବାଦ ଦିଆଯାଇଛି ସେଗୁଡିକୁ ଛାଡି), କମିଶନ ନିଷ୍ପତ୍ତି କରିଛନ୍ତି ଯେ, ଉଭୟ ପକ୍ଷଙ୍କ କଥା ଶୁଣିବେ । ଅଭିଯୋଗକାରୀ ଅପିଲ ପ୍ରକ୍ରିୟାର ନିୟମ ୯(୨) ର ସର୍ତ୍ତ ଅନୁସାରେ ତାଙ୍କ ମାମଲାର ଗୁଣାଗୁଣକୁ ବିପରୀତ ଭାବେ ପ୍ରଭାବିତ ନକରି ଶୁଣାଣୀ ତାରିଖରେ ଉପସ୍ଥିତ ହୋଇପାରନ୍ତି ବା ନ ପାରନ୍ତି । ଯେକୌଣସି ପ୍ରକାରେ ହେଲେ ବି ଅଭିଯୋଗକାରୀଙ୍କୁ ତାଙ୍କ ମାମଲା ଉପସ୍ଥାପନା କରିବା ପାଇଁ ନୋଟିସ୍ କରାଯିବ । ଯଦି ରାଜ୍ୟ କମିଶନ ଦେଖନ୍ତି ଯେ ଲୋକ ସୂଚନା ଅଧିକାରୀଙ୍କ ସୂଚନା ପ୍ରଦାନ କରିବା ମନା କରିବାର ସପକ୍ଷରେ ଯୁକ୍ତିଅଛି ତଥାପି ଅଭିଯୋଗକାରୀଙ୍କୁ ନିଜେ ବା ନିଜ ପ୍ରତିନିଧି ଜରିଆରେ ତାଙ୍କ କେସ୍ କୁ ଅନ୍ତିମ ସିଦ୍ଧାନ୍ତ ପୂର୍ବରୁ ଉପସ୍ଥାପନ କରିବା ପାଇଁ ସୁଯୋଗ ଦେବେ ।

| କ୍ର.ନଂ. | କମିଶନଙ୍କ କାର୍ଯ୍ୟଧାରା | ପୁଙ୍ଖାନୁପୁଙ୍ଖ ସିଦ୍ଧାନ୍ତ ଗ୍ରହଣ ପ୍ରକ୍ରିୟା | ସେହି କ୍ରିୟାଶୀଳତା ପାଇଁ କର୍ତ୍ତୃପକ୍ଷଙ୍କ ଦାୟିତ୍ୱବୋଧ |
|---|---|---|---|
| ୧ | ଧାରା-୧୮ ଅନୁଯାୟୀ ଅଭିଯୋଗ | ସ୍ତର ୧ : ତନଖି କରଣ ଓ ମକଦ୍ଦମାର ପଞ୍ଜୀକରଣ<br>ସ୍ତର ୨ : କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁଣାଣି | ସ୍ତର ୧ : କମିଶନର ଆଦେଶ ଅନୁସାରେ ପଞ୍ଜୀକରଣ ଓ ଶୁଣାଣି ପାଇଁ ନୋଟିସ<br>ସ୍ତର ୨ ଓ ସ୍ତର ୩ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ |

| | | | |
|---|---|---|---|
| | | ସ୍ତର ୩: ଚୂଡାନ୍ତ ନିଷ୍ପତ୍ତି | |
| ୨ | ଧାରା-୧୯ ଅନୁଯାୟୀ ଅପିଲ | ସ୍ତର ୧: ଅପିଲର ତନଖି କରଣ ଓ ପଞ୍ଜିକରଣ<br>ସ୍ତର ୨: : କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁଣାଣି<br>ସ୍ତର ୩: ଚୂଡାନ୍ତ ନିଷ୍ପତ୍ତି | ସ୍ତର ୧: ଓଡିଶା ସୂଚନା କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ, ରେଜିଷ୍ଟ୍ରାର ପି.ଆଇ.ଓ.ଙ୍କୁ ଶୁଣାଣି ପାଇଁ ନୋଟିସ ପଠାଇବେ ।<br>ସ୍ତର ୨ ଓ ୩: କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ |
| ୩ | ବାର୍ଷିକ ବିବରଣୀ | ସୂଚନା ଓ ଲୋକ ସମ୍ପର୍କ ବିଭାଗ (ନୋଡାଲ ବିଭାଗ)ଙ୍କୁ ଅନୁରୋଧ କରାଯାଇଛି ଯେ, ଆର୍ଥିକ ବର୍ଷ ଶେଷ ମାର୍ଚ୍ଚର ବିଧିବଦ୍ଧ ସୂଚନା ଅପ୍ରେଲ ୧୫ ତାରିଖ ସୁଦ୍ଧା ପଠାଇବେ ଯାହା ସୂଚନା ଅଧିକାର ଆଇନର ଧାରା ୨୫ ଅନୁଯାୟୀ ଧାର୍ଯ୍ୟ, ତାହା କମିଶନଙ୍କ ବାର୍ଷିକ ବିବରଣୀର ଅଂଶ ହିସାବରେ ଓଡିଶା ବିଧାନସଭାରେ ଉପସ୍ଥାପନ ପାଇଁ ସମ୍ପୃକ୍ତ ସରକାରୀ ବିଭାଗକୁ ପଠାଇବେ । | କମିଶନର ପ୍ରଶାସନିକ ଦପ୍ତର ଦ୍ୱାରା ସଂଯୋଗ ସ୍ଥାପନ । |
| ୪ | ସେବା ଓ ସାମଗ୍ରୀ ସଂଗ୍ରହ | ସାଧାରଣ ଅର୍ଥନୈତିକ ନିୟମାବଳୀ ଏବଂ ଆର୍ଥିକ କ୍ଷମତା ହସ୍ତାନ୍ତର ନିୟମ ଅନୁଯାୟୀ | କମିଶନରଙ୍କ ସଚିବ ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ଅନୁମୋଦନ ନେଇ । |
| ୫ | କମିଶନଙ୍କ ସାଧାରଣ ପ୍ରଶାସନ | ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ସାଧାରଣ ନିର୍ଦ୍ଦେଶନାମା ଅନୁଯାୟୀ | ଧାରା୧୫ (୪) ଅନୁଯାୟୀ କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ଦ୍ୱାରା |

## ଧାରା ୪ (୧) (ଖ)(iv) ଓଡିଶା ସୂଚନା କମିଶନରେ କାର୍ଯ୍ୟ କରିବା ପାଇଁ ନିୟମ ପ୍ରସ୍ତୁତି

ଓଡିଶା ସୂଚନା କମିଶନର ସିଦ୍ଧାନ୍ତ ଗ୍ରହଣ କରିଛନ୍ତି ଯେ ସିଙ୍ଗଲ୍ ବେଂଚରେ ଫଏସଲା ଏବଂ ରାଜ୍ୟ ମୁଖ୍ୟ ସୂଚନା କମିଶନର ଓ ରାଜ୍ୟ ସୂଚନା କମିଶନରଙ୍କ ଦ୍ୱାରା ଡିଭିଜନ ବେଂଚରେ ଫଏସଲା ପାଇଁ ଲାଗୁ ହେବ ।

## ଧାରା ୪ (୧) (ଖ) (v)ନିୟମାବଳୀ/ ଅଧିନିୟମ/ ଅନୁଦେଶାବଳୀ/ ମାନୁଆଲ/ ଅଭିଲେଖ ଇତ୍ୟାଦି କମିଶନର କାର୍ଯ୍ୟ ପରିଚାଳନା ପାଇଁ ପ୍ରସ୍ତୁତ କରିବା

୧. ସୂଚନା ଅଧିକାର ଅଧିନିୟମ,(RTI), ୨୦୦୫
୨. ଓଡିଶା ସୂଚନା ଅଧିକାର ନିୟମାବଳୀ, ୨୦୦୫
୩. ଓଡିଶା ସୂଚନା କମିଶନ (ଅପିଲ ପ୍ରକ୍ରିୟା) ନିୟମାବଳୀ, ୨୦୦୬
୪. ସିଭିଲ ପ୍ରକ୍ରିୟା ସଂହିତା, ୧୯୦୮
୫. ସଚିବାଳୟ ଅନୁଦେଶାବଳୀ
୬. ରାଜସ୍ୱ ପରିଷଦର ନଥି ପୁସ୍ତିକା
୭. ଜାତୀୟ ଏବଂ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଆଇନ/ନିୟମ
୮. ଏ.ଆଇ.ଆର୍

## ଧାରା ୪ (୧) (ଖ) (vi)

କମିଶନ ସ୍ତରରେ ଗୃହୀତ ହୋଇଥିବା ଅଭିଯୋଗ ମକଦ୍ଦମା ଏବଂ ଦ୍ୱିତୀୟ ଅପିଲଗୁଡିକ ସମ୍ପର୍କିତ ଆଇନ ସମ୍ବନ୍ଧୀୟ ଦସ୍ତାବିଜ୍/ନଥି

| କ୍ର.ନଂ. | ବିଷୟ | ଦସ୍ତାବିଜର ପ୍ରକାର/ ଫାଇଲ/ହାଜିରା/ ଉପସ୍ଥାନ/ରେଜିଷ୍ଟର୍ /ଭାଉଚର ଇତ୍ୟାଦି | ଦସ୍ତାବିଜ ଶୀର୍ଷକ/ ପ୍ରକାରର ବିବରଣୀ | ସଂରକ୍ଷଣର ଅବଧି |
|---|---|---|---|---|
| ୧ | ଦ୍ୱିତୀୟ ଅପିଲ | ନଥି | ସୂଚନା ଅଧିକାର ଅଧିନିୟମର ଧାରା ୧୯ (୩) | ବର୍ତ୍ତମାନସୁଦ୍ଧା ନିଷ୍ପତ୍ତି ହୋଇନାହିଁ |
| ୨ | ଅଭିଯୋଗ | ନଥି | ସୂଚନା ଅଧିକାର ଅଧିନିୟମର ଧାରା ୧୮ | ବର୍ତ୍ତମାନସୁଦ୍ଧା ନିଷ୍ପତ୍ତି ହୋଇନାହିଁ |
| ୩ | ସାଧାରଣ/ ଅନ୍ୟାନ୍ୟ | ନଥି/ ଫାଇଲ | ସୂଚନା ଅଧିକାର ସମ୍ବନ୍ଧୀୟ ସାଧାରଣ ତଥ୍ୟ ଏବଂ ସୂଚନା ଅଧିକାର ସମ୍ବନ୍ଧୀୟ ହୋଇ ନଥିବା ଅନ୍ୟାନ୍ୟ ତଥ୍ୟ | ବର୍ତ୍ତମାନସୁଦ୍ଧା ନିଷ୍ପତ୍ତି ହୋଇନାହିଁ |
| ୪ | ପ୍ରଶାସନ | ନଥି | କମିଶନଙ୍କ ଠାରେ ଥିବା ପ୍ରଶାସନ ସମ୍ବନ୍ଧୀୟ ନଥି | ବର୍ତ୍ତମାନସୁଦ୍ଧା ନିଷ୍ପତ୍ତି ହୋଇନାହିଁ |
| ୫ | ବାର୍ଷିକ ବିବରଣୀ | ନଥି | ବାର୍ଷିକ ବିବରଣୀ ପାଇଁ ବିଭିନ୍ନ ବିଭାଗ ଦ୍ୱାରା ଦିଆଯାଉଥିବା ତଥ୍ୟ | ବର୍ତ୍ତମାନସୁଦ୍ଧା ନିଷ୍ପତ୍ତି ହୋଇନାହିଁ |

## ଧାରା ୪ (୧) (ଖ) (vii)

କମିଶନଙ୍କ ପ୍ରାଥମିକ କାର୍ଯ୍ୟ ଜନସାଧାରଣ ସମ୍ପର୍କିତ ଅଟେ କମିଶନଙ୍କ ସମସ୍ତ ଶୁଣାଣି ଜନସାଧାରଣଙ୍କ ପାଇଁ ଉନ୍ମୁକ୍ତ । ଜନସାଧାରଣ ବ୍ୟକ୍ତିଗତ ଭାବରେ ବା ଦଳଗତ ଭାବରେ ଥରକୁଥର ଆଲୋଚନା କରିବାକୁ ଚାହିଁଲେ ତାହା ପୂରଣ କରିବାପାଇଁ କମିଶନ ତାଙ୍କୁ ବ୍ୟକ୍ତିଗତ ଯୋଗାଯୋଗ ବା ଆଲୋଚନା କିମ୍ବା କର୍ମଶାଳା ମାଧ୍ୟମରେ ଜଣାଇବାର ସୁଯୋଗ ଦିଏ ।

## ଧାରା ୪ (୧) (ଖ) (viii)

କମିଶନଙ୍କୁ ଉପଦେଶ ଦେବାପାଇଁ କୌଣସି ବୋର୍ଡ/କାଉନ୍‌ସିଲ୍/ କମିଟି ଗଠନ ହୋଇନାହିଁ ତଥାପି ଏ ବିଷୟରେ ନିଷ୍ପତ୍ତି ବିଚାରାଧୀନ ଅଛି ।

## ଧାରା ୪ (୧) (ଖ) (iX)

### ଅଧିକାରୀ ଓ କର୍ମଚାରୀମାନଙ୍କ ନିର୍ଦ୍ଦେଶିକା

| କ୍ର.ନଂ. | ନାମ ଏବଂ ପଦବୀ | ଟେଲିଫୋନ ନମ୍ବର | ଇମେଲ ଠିକଣା |
|---|---|---|---|
| ୧ | ଶ୍ରୀଯୁକ୍ତ ସୁନିଲ୍ କୁମାର ମିଶ୍ର , ରାଜ୍ୟ ମୁଖ୍ୟ ସୂଚନା କମିଶନର | ୦୬୭୪-୨୫୭୨୦୦୭ | - |
| ୨ | ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ପଟ୍ଟନାଏକ, ରାଜ୍ୟ ସୂଚନା କମିଶନର | ୦୬୭୪-୨୫୭୩୮୧୫ | sic.or@nic.in |
| ୩ | ଶଶିପ୍ରଭା ବିନ୍ଧାଣୀ, ରାଜ୍ୟ ସୂଚନା କମିଶନର | ୦୬୭୪-୨୩୮୦୦୦୫ | sic2.or@nic.in |
| ୪ | ଶ୍ରୀ ମାନସ ରଞ୍ଜନ ଦେବତା, ସଚିବ | ୦୬୭୪-୨୫୭୩୮୧୪ | secy_ic.or@nic.in |
| ୫ | ଶ୍ରୀମତୀ କଳ୍ପନା ପଣ୍ଡା, ଅନୁସଚିବ | ୦୬୭୪-୨୫୭୧୪୧୦ | - |
| ୬ | ଶ୍ରୀମତୀ ଅନୀତା ସାହୁ, ସହକାରୀ ଅର୍ଥ ପରାମର୍ଶଦାତା ତଥା ଅନୁସଚିବ | ୦୬୭୪-୨୫୭୧୪୧୧ | - |
| ୭ | ଶ୍ରୀ ମିହିର ରଂଜନ ପରିଡା, ରେଜିଷ୍ଟ୍ରାର | ୦୬୭୪-୨୫୭୩୪୦୩ | regric.or@nic.in |
| ୮ | ଶ୍ରୀ ଶରତ ଚନ୍ଦ୍ର ମାରାଣ୍ଡି, ଡେକ୍ସ ଅଧିକାରୀ | ୦୬୭୪-୨୫୭୧୪୦୧ | - |

## ଧାରା ୪ (୧) (ଖ) (X)- ଅଧିକାରୀ ଏବଂ କର୍ମଚାରୀମାନଙ୍କ ବେତନର ସବିଶେଷ ବିବରଣୀ:

୨୦୦୫ ସୂଚନା ଅଧିକାର ଅଧିନିୟମର ଧାରା ୧୬(୫)ର ବ୍ୟବସ୍ଥା ଅନୁଯାୟୀ ବେତନ, ଭତ୍ତା ଓ ସର୍ତ୍ତାବଳୀ ଯାହାଙ୍କ ସେବା ପ୍ରଦାନ ପାଇଁ ପ୍ରଦତ୍ତ-

(କ) ରାଜ୍ୟ ମୁଖ୍ୟ ସୂଚନା କମିଶନର ଜଣେ ନିର୍ବାଚନ କମିଶନରଙ୍କ ସହ ସମାନ ସୁବିଧା ପାଇବେ ।

(ଖ) ରାଜ୍ୟ ସୂଚନା କମିଶନର ରାଜ୍ୟର ମୁଖ୍ୟ ସଚିବଙ୍କ ସହ ସମାନ ସୁବିଧା ପାଇବେ ।

### ସରକାର:

ରାଜ୍ୟ ମୁଖ୍ୟ ସୁଚନା କମିଶନର ଓ ରାଜ୍ୟ ସୂଚନା କମିଶନର ମାନଙ୍କ ନିଯୁକ୍ତି ସମୟରେ ନିରୁପିତ ବେତନରୁ, ସେମାନେ ପୂର୍ବରୁ ପାଉଥିବା ଭାରତ ସରକାର/ରାଜ୍ୟସରକାର ପେନସନ୍ ଓ ତତ୍ ସଂଲଗ୍ନ ଅନ୍ୟାନ୍ୟ ସୁବିଧାକୁ ବାଦ ଦିଆଯିବ । ମାତ୍ର ଏଥିପାଇଁ ପାଉଥିବା ଅସାମର୍ଥ୍ୟ ବା କ୍ଷତି ଜନିତ ପେନସନ୍ ହିସାବକୁ ନିଆଯିବ ନାହିଁ ।

### ପେନସନ୍ ଅବସରକାଳୀନ ଗ୍ରାଚୁଇଟି ସହ ସମାନ:

ପୁନଶ୍ଚ-ରାଜ୍ୟ ମୁଖ୍ୟ କମିଶନର ବା ରାଜ୍ୟ ସୂଚନା କମିଶନର ଯଦି ତାଙ୍କ ନିଯୁକ୍ତି ବେଳେ ତାଙ୍କର ପୂର୍ବ ଚାକିରି ସେବା ଯଦି କେନ୍ଦ୍ରୀୟ ଆଇନ ବା ରାଜ୍ୟ ଆଇନ ବା ସରକାରୀ କମ୍ପାନୀ ହୋଇଥାଏ ବା ଯଦି କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥିବା କୌଣସି ସଂସ୍ଥା ଦେଇ ଅବସରକାଳୀନ ସୁବିଧା ସୁଯୋଗ ପାଉଥିବେ, ତାହେଲେ ରାଜ୍ୟ ମୁଖ୍ୟ ସୂଚନା କମିଶନର ବା ରାଜ୍ୟ ସୂଚନା କମିଶନର ପାଇଁ ଧାର୍ଯ୍ୟ ବେତନରୁ ସେହି ପରିମାଣ ବାଦ ଦିଆଯିବ ।

ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ସୂଚନା କମିଶନର ଓ ରାଜ୍ୟ ସୂଚନା କମିଶନରମାନଙ୍କ ପାଇଁ ଉଦ୍ଦିଷ୍ଟ ଦରମା, ଭତ୍ତା ଏବଂ ଚାକିରି ପାଇଁ ଅନ୍ୟ ସର୍ତ୍ତାବଳୀ ତାଙ୍କ ନିଯୁକ୍ତି ପରେ ତାଙ୍କର ଅସୁବିଧା ହେଲା ଭଳି ପାର୍ଥକ୍ୟ ସୃଷ୍ଟି କରାଯିବ ନାହିଁ ରାଜ୍ୟ ସରକାର ରାଜ୍ୟ ମୁଖ୍ୟ ସୂଚନା କମିଶନର ଓ ରାଜ୍ୟ ସୂଚନା କମିଶନରମାନଙ୍କ ଦକ୍ଷ କାର୍ଯ୍ୟ ସମ୍ପାଦନ ପାଇଁ ଆବଶ୍ୟକ ମୁତାବକ ଅଧିକାରୀ ଓ କର୍ମଚାରୀମାନଙ୍କର ତଥା ଅନ୍ୟ ନିଯୁକ୍ତି କର୍ମଚାରୀମାନଙ୍କୁ ଏହି ଆଇନର ସଫଳ ପରିଚାଳନା ପାଇଁ ସରକାର ଚାକିରିର ସର୍ତ୍ତାବଳୀ ନିର୍ଦ୍ଧାରଣ କରିବେ ।

ରାଜ୍ୟ ସୂଚନା କମିଶନରର ବ୍ୟାପାର ସାଧାରଣ ଅଧୀକ୍ଷଣ, ନିର୍ଦ୍ଦେଶ ପ୍ରଦାନ ଓ ପରିଚାଳନା, ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ଉପରେ ନ୍ୟସ୍ତ ରହିବ ଏବଂ ତାହାଙ୍କୁ ଅନ୍ୟ ରାଜ୍ୟ ସୂଚନା କମିଶନରମାନେ ସହାୟତା ପ୍ରଦାନ କରିବେ ଏବଂ ସେ ସ୍ୱୟଂଶାସିତ ଭାବରେ ଏହି ଅଧିନିୟମ ଅନୁଯାୟୀ ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ଅଧିନ ନ ହୋଇ ରାଜ୍ୟ ସୂଚନା କମିଶନଙ୍କ ଦ୍ୱାରା ପ୍ରୟୋଗ କରାଯାଇପାରିବା ସମସ୍ତ କ୍ଷମତା ପ୍ରୟୋଗ କରିବେ ଏବଂ ସମସ୍ତ କାର୍ଯ୍ୟ ବିଷୟମାନ ସମ୍ପାଦନ କରିବେ ।

**ରାଜ୍ୟ ସୂଚନା କମିଶନଙ୍କ ଅଧିକାରୀ ଏବଂ କର୍ମଚାରୀମାନଙ୍କର ଧାର୍ଯ୍ୟ ଦରମା ନିମ୍ନରେ ପ୍ରଦତ୍ତ ହେଲା:**

| କ୍ର.ନଂ. | ପଦବୀ | ଦରମାହାର |
|---|---|---|
| ୧ | ରାଜ୍ୟ ମୁଖ୍ୟ ସୂଚନା କମିଶନର | ୨,୫୦,୦୦୦/- (ସ୍ଥିରୀକୃତ) |
| ୨ | ରାଜ୍ୟ ସୂଚନା କମିଶନର | ୨,୨୫,୦୦୦/- (ସ୍ଥିରୀକୃତ) |
| ୩ | ସଚିବ | ଟ. ୧,୨୭,୧୦୦/- |
| ୪ | ଅନୁସଚିବ | ଟ. ୫୬,୧୦୦/- |
| ୫ | ସହକାରୀ ଅର୍ଥ ପରାମର୍ଶଦାତା ତଥା ଅନୁସଚିବ | ଟ. ୫୬,୧୦୦/- |
| ୬ | ସହକାରୀ ରେଜିଷ୍ଟ୍ରାର | ୨୭,୭୦୦ - ୪୪,୭୭୦ |
| ୭ | ପ୍ରମୁଖ ବ୍ୟକ୍ତିଗତ ସଚିବ | ଟ. ୫୬,୧୦୦/- |
| ୮ | ବରିଷ୍ଠ ବ୍ୟକ୍ତିଗତ ସଚିବ | ଟ. ୪୭,୬୦୦/- |
| ୯ | ବ୍ୟକ୍ତିଗତ ସଚିବ | ଟ. ୪୪,୯୦୦/- |
| ୧୦ | ବ୍ୟକ୍ତିଗତ ସହାୟକ | ଟ. ୩୫,୪୦୦/- |
| ୧୧ | ଡେସ୍କ ଅଧିକାରୀ | ଟ. ୪୭,୬୦୦/- |
| ୧୨ | ଉପବିଭାଗ ଅଧିକାରୀ | ଟ. ୪୪,୯୦୦/- |
| ୧୩ | ସହାୟକ ଉପବିଭାଗ ଅଧିକାରୀ | ଟ. ୩୫,୪୦୦/- |
| ୧୪ | ବିଧି ଅଧିକାରୀ | ଟ. ୪୪,୯୦୦/- |
| ୧୫ | ସହକାରୀ ବିଧି ଅଧିକାରୀ | ଟ. ୩୫,୪୦୦/- |
| ୧୬ | ସିଷ୍ଟମ ସହାୟକ | ଟ. ୩୫,୪୦୦/- |
| ୧୭ | ଓଡିଆ ଅନୁବାଦକ | ଟ. ୩୫,୪୦୦/- |

**ସୂଚନା କମିଶନର ଅଧିକାରୀ ଓ କର୍ମଚାରୀମାନେ ପାଉଥିବା ଦରମାର ସବିଶେଷ ବିବରଣୀ:**

| କ୍ର.ନଂ. | ନାମ ଓ ପଦବୀ | ମୋଟ ଦରମା |
|---|---|---|
| ୧ | ଶ୍ରୀଯୁକ୍ତ ସୁନିଲ୍ କୁମାର ମିଶ୍ର , ରାଜ୍ୟ ମୁଖ୍ୟ ସୂଚନା କମିଶନର | ଟ. ୧,୯୭,୭୦୦/- |
| ୨ | ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ପଟ୍ଟନାଏକ , ରାଜ୍ୟ ସୂଚନା କମିଶନର | ଟ. ୨,୨୬,୮୩୫/- |
| ୩ | ଶଶିପ୍ରଭା ବିନ୍ଧାଣୀ, ରାଜ୍ୟ ସୂଚନା କମିଶନର | ଟ. ୨,୪୫,୨୫୦/- |
| ୪ | ଶ୍ରୀ ମାନସ ରଞ୍ଜନ ଦେବତା, ସଚିବ | - |
| ୫ | ଶ୍ରୀ ମିହିର ରଂଜନ ପରିଡା, ରେଜିଷ୍ଟ୍ରାର | ଟ. ୩୫,୯୧୫/- |
| ୬ | ଶ୍ରୀମତୀ କଳ୍ପନା ପଣ୍ଡା, ଅନୁସଚିବ | ଟ. ୮୨,୮୨୩/- |
| ୭ | ଶ୍ରୀମତୀ ଅନୀତା ସାହୁ, ସହକାରୀ ଅର୍ଥ ପରାମର୍ଶଦାତା ତଥା ଅନୁସଚିବ | ଟ. ୭୩,୦୩୦/- |
| ୮ | ଶ୍ରୀ ଶରତ ଚନ୍ଦ୍ର ମାରାଣ୍ଡି, ଡେସ୍କ ଅଧିକାରୀ | ଟ. ୬୯,୮୬୯/- |
| ୯ | ଶ୍ରୀ ସୁଶାନ୍ତ କୁମାର ମହାନ୍ତି, ଉପବିଭାଗ ଅଧିକାରୀ | ଟ. ୬୭,୭୯୮/- |
| ୧୦ | ଶ୍ରୀ ମାନସ ରଞ୍ଜନ ଜେନା, ଉପବିଭାଗ ଅଧିକାରୀ | ଟ. ୬୭,୭୯୮/- |

| | | |
|---|---|---|
| ୧୧ | ଶ୍ରୀ ରଶ୍ମି ରଞ୍ଜନ ପାତ୍ର, ସହକାରୀ ଉପବିଭାଗ ଅଧିକାରୀ | ଟ. ୬୦,୧୬୮/- |
| ୧୨ | ଶ୍ରୀ ଜଗନ୍ନାଥ ସାହୁ, ଓ.ଏ.ସ.ଡି. (ଚୁକ୍ତିଭିତ୍ତିକ) | ଟ.୧୩,୫୦୦/- |
| ୧୩ | ଶ୍ରୀ ପ୍ରଭାକର ମହାନ୍ତି, ସଚିବଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବ | ଟ. ୯୦,୮୩୭/- |
| ୧୪ | ଶ୍ରୀ ସୁବାଷ ଚନ୍ଦ୍ର ସେଠି, ବ୍ୟକ୍ତିଗତ ସଚିବ | (ମୃତୟନ) |
| ୧୫ | ଶ୍ରୀ ବ୍ରଜବନ୍ଧୁ ମହାରଣା, ରାଜ୍ୟ ସୂଚନା କମିଶନରଙ୍କ ବ୍ୟକ୍ତିଗତ ସହାୟକ | (ମୃତୟନ) |
| ୧୬ | ଶ୍ରୀ ସୁଧାଂଶୁ ମୋହନ ମହାନ୍ତି, ଓ.ଏ.ସ.ଡି. (ଚୁକ୍ତିଭିତ୍ତିକ) | ଟ. ୧୫,୦୦୦/- |
| ୧୭ | ଶ୍ରୀ ଲକ୍ଷ୍ମୀଧର ଶତପଥୀ, ଓ.ଏ.ସ.ଡି. (ଚୁକ୍ତିଭିତ୍ତିକ) | ଟ.୧୫,୦୦୦/- |
| ୧୮ | ଶ୍ରୀ ସୁରେନ୍ଦ୍ରନାଥ ସ୍ୱାଇଁ, ଓ.ଏ.ସ.ଡି. (ଚୁକ୍ତିଭିତ୍ତିକ) | ଟ.୧୫,୦୦୦/- |
| ୧୯ | ଶ୍ରୀ କରୁଣାକର ସାହୁ, ଓ.ଏ.ସ.ଡି. (ଚୁକ୍ତିଭିତ୍ତିକ) | ଟ.୧୩,୫୦୦/- |
| ୨୦ | ଶ୍ରୀ ନିରଞ୍ଜନ ସାବତ, ଓ.ଏ.ସ.ଡି. (ଚୁକ୍ତିଭିତ୍ତିକ) | ଟ.୧୩,୫୦୦/- |
| ୨୧ | ଶ୍ରୀ ପ୍ରକାଶ କୁମାର ମଲିକ, ଓ.ଏ.ସ.ଡି. (ଚୁକ୍ତିଭିତ୍ତିକ) | ଟ.୧୩,୫୦୦/- |
| ୨୨ | ଶ୍ରୀ ମହେନ୍ଦ୍ର ପ୍ରସାଦ ଧଳ, ଓ.ଏ.ସ.ଡି. (ଚୁକ୍ତିଭିତ୍ତିକ) | ଟ.୧୩,୫୦୦/- |
| ୨୩ | ଶ୍ରୀ ରବି ନାରାୟଣ ସେଠି, ଓ.ଏ.ସ.ଡି. (ଚୁକ୍ତିଭିତ୍ତିକ) | ଟ.୧୩,୫୦୦/- |
| ୨୪ | ଶ୍ରୀ ପ୍ରିୟରଞ୍ଜନ ସାହୁ, ବିଧି ଅଧିକାରୀ, (ଚୁକ୍ତିଭିତ୍ତିକ) | ଟ. ୧୭,୨୮୦/- |
| ୨୫ | ଶ୍ରୀମତୀ ସାଇରା ଖାଡେଙ୍ଗା, ସହକାରୀ ବିଧି ଅଧିକାରୀ , (ଚୁକ୍ତିଭିତ୍ତିକ) | ଟ. ୧୬,୮୮୦/- |
| ୨୬ | ଶ୍ରୀ ଅୟସକାନ୍ତ ନାୟକ, ସହକାରୀ ବିଧି ଅଧିକାରୀ, (ଚୁକ୍ତିଭିତ୍ତିକ) | ଟ. ୧୬,୮୮୦/- |
| ୨୭ | ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସିଷ୍ଟମ ସହାୟକ, (ଚୁକ୍ତିଭିତ୍ତିକ) | ଟ. ୧୬,୮୮୦/- |
| ୨୮ | ଶ୍ରୀ ରିତେଶ କୁମାର ମିଶ୍ର, ଲିଗାଲ ସ୍କ୍ରୁଟିନାଇଜର ତଥା ସିରସ୍ତାଦାର (ଚୁକ୍ତିଭିତ୍ତିକ) | ଟ. ୧୬,୮୮୦/- |
| ୨୯ | ଶ୍ରୀ ସତ୍ୟନାରାୟଣ ମହାପାତ୍ର, କୋର୍ଟ ମାଷ୍ଟର, (ଚୁକ୍ତିଭିତ୍ତିକ) | ଟ. ୧୬,୮୮୦/- |
| ୩୦ | ଶ୍ରୀ ବିରଜା ପ୍ରସାଦ ନାୟକ, ବେଂଚ କ୍ଲର୍କ, (ଚୁକ୍ତିଭିତ୍ତିକ) | ଟ. ୧୬,୮୮୦/- |
| ୩୧ | ଶ୍ରୀ ସତ୍ୟଯିତ୍ ପଟ୍ଟନାୟକ, , ବେଂଚ କ୍ଲର୍କ, (ଚୁକ୍ତିଭିତ୍ତିକ) | ଟ. ୧୬,୮୮୦/- |
| ୩୨ | ଶ୍ରୀ ସନ୍ତୋଷ କୁମାର ସେଠି, କନିଷ୍ଠ କ୍ଷିପ୍ର ଲେଖକ (ଚୁକ୍ତିଭିତ୍ତିକ) | (ମୃତୟନ) |
| ୩୩ | ଶ୍ରୀ ସୁବ୍ରତ କୁମାର ସ୍ୱାଇଁ, ଡାଟା ପ୍ରସେସିଂ ସହାୟକ, (ଚୁକ୍ତିଭିତ୍ତିକ) | ଟ. ୮,୮୮୦/- |
| ୩୪ | ଶ୍ରୀମତୀ ପୁଷ୍ପଲତା, ସେଠ, ବିଧି ସହାୟତାକାରୀ, (ଚୁକ୍ତିଭିତ୍ତିକ) | ଟ. ୮,୮୮୦/- |
| ୩୫ | ଶ୍ରୀ ପ୍ରଶାନ୍ତ ପାଣିଗ୍ରାହୀ, ଡାଟା ପ୍ରସେସିଂ ସହାୟକ, (ଚୁକ୍ତିଭିତ୍ତିକ) | ଟ. ୮,୮୮୦/- |
| ୩୬ | ଶ୍ରୀମତୀ ରାଜଶ୍ରୀ ବାରିକ, ଡାଟା ପ୍ରସେସିଂ ସହାୟକ, (ଚୁକ୍ତିଭିତ୍ତିକ) | ଟ. ୮,୮୮୦/- |
| ୩୭ | ଶ୍ରୀ ଦ୍ୱିଜବର ମହାନ୍ତି, ଡାଟା ପ୍ରସେସିଂ ସହାୟକ, (ଚୁକ୍ତିଭିତ୍ତିକ) | ଟ. ୮,୮୮୦/- |
| ୩୮ | ଶ୍ରୀମତୀ ବବିତା ହୋତା, ଡାଟା ପ୍ରସେସିଂ ସହାୟକ, (ଚୁକ୍ତିଭିତ୍ତିକ) | ଟ. ୮,୮୮୦/- |
| ୩୯ | ଶ୍ରୀମତୀ ନର୍ମଦା ମହାପାତ୍ର, ଡାଟା ପ୍ରସେସିଂ ସହାୟକ, (ଚୁକ୍ତିଭିତ୍ତିକ) | ଟ. ୮,୮୮୦/- |
| ୪୦ | ଶ୍ରୀ ବିଭୂତି ପଟ୍ଟନାୟକ, ଡ୍ରାଇଭର, (ଚୁକ୍ତିଭିତ୍ତିକ) | ଟ. ୮,୮୮୦/- |

| | | |
|---|---|---|
| ୪୧ | ଶ୍ରୀ ମଙ୍ଗରାଜ ସାହୁ, ଡ୍ରାଇଭର, (ଚୁକ୍ତିଭିତ୍ତିକ) | ଟ. ୮,୮୮୦/- |
| ୪୨ | ଶ୍ରୀ ଅମୂଲ୍ୟ କୁମାର ମୁଦୁଲି, ଡ୍ରାଇଭର, (ଚୁକ୍ତିଭିତ୍ତିକ) | ଟ. ୮,୮୮୦/- |
| ୪୩ | ଶ୍ରୀ ଜୟହରି ରାମଜାଲିଆ, ଡ୍ରାଇଭର, (ଚୁକ୍ତିଭିତ୍ତିକ) | ଟ. ୮,୮୮୦/- |
| ୪୪ | ଶ୍ରୀ ରଞ୍ଜିତ କୁମାର ଦାଶ, ପିଅନ, (ଚୁକ୍ତିଭିତ୍ତିକ) | ଟ. ୮,୦୭୦/- |
| ୪୫ | ଶ୍ରୀ ଦେବେନ୍ଦ୍ର କୁମାର ରାଉତରାୟ, ପିଅନ, (ଚୁକ୍ତିଭିତ୍ତିକ) | ଟ. ୮,୦୭୦/- |
| ୪୬ | ଶ୍ରୀ ସୁବାସ ଚନ୍ଦ୍ର ସିହ୍ନା, ପିଅନ, (ଚୁକ୍ତିଭିତ୍ତିକ) | ଟ. ୮,୦୭୦/- |
| ୪୭ | ଶ୍ରୀ ମହେନ୍ଦ୍ର ସାଇଁ, ପିଅନ, (ଚୁକ୍ତିଭିତ୍ତିକ) | ଟ. ୮,୦୭୦/- |
| ୪୮ | ଶ୍ରୀ ସତ୍ୟବାଦୀ ନାୟକ, ପିଅନ, (ଚୁକ୍ତିଭିତ୍ତିକ) | ଟ. ୮,୦୭୦/- |
| ୪୯ | ଶ୍ରୀ ଲକ୍ଷ୍ମୀଧର ବେହେରା, ପିଅନ, (ଚୁକ୍ତିଭିତ୍ତିକ) | ଟ. ୮,୦୭୦/- |
| ୫୦ | ଶ୍ରୀ ଭାଗବତ ବେହେରା, ପିଅନ, (ଚୁକ୍ତିଭିତ୍ତିକ) | ଟ. ୮,୦୭୦/- |
| ୫୧ | ଶ୍ରୀ ରବି ନାରାୟଣ ମହାପାତ୍ର, ପିଅନ, (ଚୁକ୍ତିଭିତ୍ତିକ) | ଟ. ୮,୦୭୦/- |
| ୫୨ | ଶ୍ରୀ ପୂର୍ଣଚନ୍ଦ୍ର ସାହୁ, ପିଅନ, (ଚୁକ୍ତିଭିତ୍ତିକ) | ଟ. ୮,୦୭୦/- |
| ୫୩ | ଶ୍ରୀ ଭକ୍ତବତ୍ସଳ ଦାସ, ପିଅନ, (ଚୁକ୍ତିଭିତ୍ତିକ) | ଟ. ୮,୦୭୦/- |
| ୫୪ | ଶ୍ରୀ ନିରଞ୍ଜନ ପ୍ରଧାନ, ପିଅନ, (ଚୁକ୍ତିଭିତ୍ତିକ) | ଟ. ୮,୦୭୦/- |
| ୫୫ | ଶ୍ରୀ ମାନସ ରଂଜନ ରାଉତ, ପିଅନ, (ଚୁକ୍ତିଭିତ୍ତିକ) | ଟ. ୮,୦୭୦/- |
| ୫୬ | ଶ୍ରୀ ଦଶରଥ ମାଝୀ, ଝାଡୁଦାର ତଥା ରାତ୍ର ଜଗୁଆଳି, (ଚୁକ୍ତିଭିତ୍ତିକ) | ଟ. ୮,୦୭୦/- |

## ଧାରା ୪ (୧) (XI) ଆବଂଟନ ହୋଇଥିବା ବଜେଟ୍ ଖର୍ଚ୍ଚ

| କ୍ର.ନଂ. | ବଜେଟ୍‌ର ମୁଖ୍ୟ ଶୀର୍ଷକ | (ହଜାରରେ) | |
|---|---|---|---|
| | | ବଜେଟ୍ ୨୦୧୭-୧୮ | ବଜେଟ୍ ୨୦୧୮-୧୯ |
| ୧ | ୦୧୦୦୩ - ବେତନ | ୧୯୫୦୨ | ୨୦୦୨୩ |
| ୨ | ୦୧୦୦୪ - ଏକୀକୃତ ଦରମା ପଦବୀ ନିମିତ୍ତ ବେତନ | ୨୦୦୦ | ୪୩୭୨ |
| ୩ | ୦୬୦୦୧ - ଗସ୍ତ ବ୍ୟୟ | ୨୫୦ | ୨୫୦ |
| ୪ | ୦୭୦୦୧ - ଛୁଟିକାଳୀନ ପରିଭ୍ରମଣ ବ୍ୟୟର ରିହାତି ବ୍ୟବସ୍ଥା | ୧୫୦ | ୨୦୦ |
| ୫ | ୦୮୦୦୧ - କାର୍ଯ୍ୟାଳୟ ବ୍ୟୟ | ୭୫୦୧ | ୧୩୫୨୦ |
| ୬ | ୦୯୦୦୧ - ଭଡ଼ା କର ଓ ଟିକସ | ୧୨ | ୧୫ |
| ୭ | ୧୧୦୦୩ - ବିଜ୍ଞାପନ ଦେୟ | ୧ | ୧ |
| ୮ | ୧୨୦୦୯ - ବୃତ୍ତିଗତ ସେବା | ୫୦୦ | ୫୦୦ |
| ୯ | ୩୩୦୧୧ - ଯନ୍ତ୍ରପାତି ଓ ସେବା | ୧୦୦ | ୧୫୦ |
| ୧୦ | ୭୮୦୧୨ - କମ୍ପ୍ୟୁଟର ବ୍ୟବହୃତ ଦ୍ରବ୍ୟ | ୧୦୦ | ୨୦୦ |

| | | | |
|---|---|---|---|
| ୧୧ | ୭୮୧୧୮ - କମ୍ପ୍ୟୁଟର ସୁବିଧାର ଉନ୍ନତିକରଣ | ୧୦୦ | ୩୦୦ |
| ୧୨ | ୮୦୦୦୧ - ଏକକାଳୀନ ବ୍ୟବସ୍ଥାପନ (ଲମ୍ପ୍ ପ୍ରୋଭିଜନ) | ୧ | ୧ |
| ମୋଟ | | ୩୦୨୧୭ (୩.୦୨ କୋଟି) | ୩୯୫୩୨ (୩.୯୫ କୋଟି) |

## ଧାରା ୪(୧)(ଖ) (XII)

**(କ) ସରକାରୀ ରିହାତିଯୁକ୍ତ କାର୍ଯ୍ୟକ୍ରମ ପାଳନ ପ୍ରଣାଳୀ**

କମିଶନ କୌଣସି ସରକାରୀ ଅର୍ଥ ସାହାଯ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରେ ନାହିଁ ।

**(ଖ) ସରକାରୀ ରିହାତିଯୁକ୍ତ କାର୍ଯ୍ୟକ୍ରମର ହିତାଧିକାରୀମାନଙ୍କ ସବିଶେଷ ବିବରଣୀ**

ଏହା ଲାଗୁ ନୁହେଁ ।

## ଧାରା ୪(୧)(ଖ) (XIII)

**ମଂଜୁର ହୋଇଥିବା ରିହାତି ପରମିଟ ବା ପ୍ରାଧିକାର ଗ୍ରହୀତାଙ୍କ ସବିଶେଷ ବିବରଣୀ**

ଏହା ଲାଗୁ ନୁହେଁ ।

## ଧାରା ୪(୧)(ଖ) (XIV)

ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ କମିଶନର ନିକଟରେ ଉପଲବ୍ଧ ସୂଚନାଗୁଡ଼ିକର ବିଶଦ ବିବରଣୀ www.oic.nic.in ଦେଖିଲେ ସଂପୂର୍ଣ୍ଣ ଭାବେ ଜାଣି ହେବ । ତଥାପି କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ନିମ୍ନରେ ପ୍ରଦତ୍ତ ହେଲା ।

| କ୍ର. ନଂ. | ଦସ୍ତାବିଜର ପ୍ରକାର | ଉପବିଷୟ | କେଉଁ ଇଲେକ୍ଟ୍ରୋନିକ୍ ଫର୍ମାଟରେ ଉପଲବ୍ଧ | କେଉଁ ଉପାୟରେ ମିଳେ | କାହା ଦାୟିତ୍ୱରେ ଅଛି |
|---|---|---|---|---|---|
| ୧ | ସୂଚନା ଅଧିକାର ଅଧିନିୟମ, ୨୦୦୫ ଏବଂ ଓଡ଼ିଶା ସୂଚନା ଅଧିକାର ନିୟମାବଳୀ, ୨୦୦୫ (ଓଡ଼ିଆରେ ଏବଂ ଇଂରାଜୀରେ) | | ୱେବ୍‌ସାଇଟ୍‌ରେ ଉପଲବ୍ଧ www.oic.nic.in | ଇଂଟରନେଟ୍ | ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର |
| ୨ | ଓଡ଼ିଶା ସୂଚନା କମିଶନ (ଅପିଲ ପ୍ରକ୍ରିୟା) ନିୟମାବଳୀ, ୨୦୦୬ | | -do- | -do- | -do- |
| ୩ | କମିଶନଙ୍କ ନିଷ୍ପତ୍ତି | | -do- | -do- | -do- |
| ୪ | ସୂଚନା ଅଧିକାର ଅଧିନିୟମ , ୨୦୦୫ ବିଷୟରେ ବାରମ୍ବାର ପଚାରାଯାଉଥିବା ପ୍ରଶ୍ନ (ଓଡ଼ିଆରେ ଓ ଇଂରାଜୀରେ) | | -do- | -do- | -do- |

## ଧାରା ୪ (୧) (ଖ) (XV)

**ସୂଚନା ପାଇବା ସକାଶେ ନାଗରିକମାନଙ୍କୁ ଯୋଗାଇ ଦିଆଯାଇଥିବା ପାଠାଗାର ବା ପଠନଗୃହର କାର୍ଯ୍ୟ ସମୟ ଯଦି ତାହା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ।**

କମିଶନ ଫର୍ମ ପୂରଣ କରିବା ବେଳେ ସନ୍ଦେହମୋଚନ ପାଇଁ ଏବଂ ନାଗରିକଙ୍କୁ ସାହାଯ୍ୟ କରିବା ପାଇଁ ଜଣେ ଆଇନସହାୟତାଦାତା ନିୟୋଜିତ କରିଛନ୍ତି । କମିଶନର ଅଧିକାରୀମାନଙ୍କୁ ଟେଲିଫୋନ୍‌ରେ କିମ୍ବା ବ୍ୟକ୍ତିଗତ ଭାବରେ ଛୁଟିଦିନ ଛାଡ଼ି ସୋମବାରରୁ ଶନିବାର ମଧ୍ୟରେ ସକାଳ ୧୦ ଘଂଟା ଠାରୁ ଉପରବେଳା ୫ଘଂଟା ପର୍ଯ୍ୟନ୍ତ ଯୋଗାଯୋଗ କରାଯାଇପାରିବ । ଏହା ବ୍ୟତୀତ କମିଶନଙ୍କର ଏକ ଛୋଟ ପାଠାଗାର ଅଛି ।

ସୂଚନା ମଧ୍ୟ ନିଃଶୁଳ୍କ ଟେଲିଫୋନ୍ ହେଲ୍‌ପ୍ ଲାଇନ୍ ନମ୍ବର ୧୮୦୦-୩୪୫୬-୭୭୭ ଦ୍ୱାରା କିମ୍ବା ୱେବ୍‌ସାଇଟ୍ www.oic.nic.in ସାହାଯ୍ୟରେ ପାଇହେବ ।

## ଧାରା ୪(୧)(ଖ) (XVI) ଓଡିଶା ସୂଚନା କମିଶନଙ୍କର ଲୋକ ସୂଚନା ଅଥିକାରୀ/ପ୍ରଥମ ଅପିଲ କର୍ତ୍ତୃପକ୍ଷ

ଜନ ସୂଚନା ଅଧିକାରୀ

ଶ୍ରୀମତୀ କଳ୍ପନା ପଣ୍ଡା, ଅନୁସଚିବ
ଓଡ଼ିଶା ସୂଚନା କମିଶନ
ବ୍ଲକ ବି-୧, ତୋଷାଳିଭବନ, ସତ୍ୟନଗର
ଭୁବନେଶ୍ୱର-୭୫୧୦୦୭
ଫୋନ୍ ନଂ. ୦୬୭୪-୨୫୭୧୪୧୦
ଇମେଲ ପରିଚୟ: odishasoochana@nic.in

ପ୍ରଥମ ଅପିଲ କର୍ତ୍ତୃପକ୍ଷ:

ଶ୍ରୀ ମାନସ ରଞ୍ଜନ ଦେବତା, ସଚିବ
ଓଡ଼ିଶା ସୂଚନା କମିଶନ
ବ୍ଲକ ବି-୧, ତୋଷାଳିଭବନ, ସତ୍ୟନଗର,
ଭୁବନେଶ୍ୱର-୭୫୧୦୦୭
ଫୋନ୍ ନଂ. ୦୬୭୪ - ୨୫୭୩୮୧୪
ଇମେଲ ପରିଚୟ: secy_ic.or@nic.in

## ଧାରା ୪ (୧) (ଖ) (xvii)

୧. ରାଜ୍ୟ କମିଶନ ସମସ୍ତ ସୂଚନା ୱେବ୍‌ସାଇଟ୍‌ରେ ଏବଂ ଏହାର ସମସ୍ତ ପ୍ରକାଶନରେ ଉଭୟ ଓଡିଆ ଓ ଇଂଲିଶ୍‌ରେ ପ୍ରକାଶ ପ୍ରଦାନ କରିବାକୁ ଚେଷ୍ଟା କରିବେ ।

୨. ନିଷ୍ପତ୍ତି ଓ ଜୋରିମାନାର ମୁଖ୍ୟ ବିଷୟ ୱେବ୍‌ସାଇଟ୍‌ରେ ସପ୍ତାହକୁ ସପ୍ତାହ ନବୀକରଣ କରିବେ ।

୩. ଅଭିଯୋଗ, ମକଦ୍ଦମା ଏବଂ ଦ୍ୱିତୀୟ ଅପିଲ ସଂକ୍ରାନ୍ତ ସମସ୍ତ ନିଷ୍ପତ୍ତି ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।

୪. କମିଶନଙ୍କ ୱେବସାଇଟ୍‌ର ହୋମ୍ ପେଜ୍ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଓ କେନ୍ଦ୍ର ସ୍ତରର ୱେବ୍‌ସାଇଟ୍‌ଗୁଡ଼ିକର ଲିଙ୍କ୍ ଯୋଗାଇଦେବ ।